# ଲୋକପାଳ ଚୟନ କମିଟିରେ ରୋହତଗୀ

ନୂଆଦିଲ୍ଲୀ, ୧୫।୫/ପିଟି: ଲୋକପାଳ ନିଯୁକ୍ତି ଲାଗି ଗଠିତ ମନୋନୟନ କମିଟିରେ ବରିଷ୍ଠ ଆଡ୍‌ଭୋକେଟ୍ ମୁକୁଲ ରୋହତଗୀଙ୍କୁ ଜଣେ ପ୍ରମୁଖ ଆଇନଜ୍ଞ ଭାବେ ନିଯୁକ୍ତି ଦିଆଯାଇଛି। ଆଜି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଏହା ଜଣାଇଛନ୍ତି। ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଏହି ମନୋନୟନ କମିଟିରେ ଶ୍ରୀ ରୋହତଗୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଲୋକପାଳ ମନୋନୟନ କମିଟିରେ ପ୍ରମୁଖ ଆଇନଜ୍ଞ ପଦବୀରେ ଥିବା ପିପି ରାଓଙ୍କର ୨୦୧୭ ସେପ୍ଟେମ୍ବର ୧୧ରେ ଦେହାନ୍ତ ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା।

ନିତିଦିନ NITIDIN Wed, May 16, 2018
http://odishanewsnitidin.com